ଗଳ୍ପ

# ମାତୃଭୂମି

ଶ୍ରୀ ସୁଭାଷଚନ୍ଦ୍ର ପଟ୍ଟନାୟକ



ନା ।

ସେ ଆଉ ନାହିଁ ।

ଏଇ ତ ମୁଁ ସ୍ୱିଚ୍ ଚିପିଲି, ଉଜ୍ଜ୍ୱଳ ଆଲୋକରେ ବଖରାଟି ଭରିଗଲା, ନିମିଷେ ହୋଇନି, କୁଆଡେ ଗଲା ?

ସ୍ୱିଚ୍ ଚିପିବା ପରେ ଅଲୋକର ଯେଉଁ ତଡ଼ିତ୍ ପ୍ରବାହ ପ୍ରକୋଷ୍ଠ ତମାମ୍ ଚହଟିଗଲା, ତା' ଭିତରେ ତା'ର ସମଗ୍ର ଅବୟବ କଣ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ନିଶ୍ଚିହ୍ନ ହୋଇଗଲା ?

ସ୍ୱୀକାର କରୁଛି, ମୋ ଆଖିରେ ଏବେ ବି ତନ୍ଦ୍ରାର ଏକ ପତଳା ଆସ୍ତରଣ । ତା' ବୋଲି, ଯାହା ସବୁ ଘଟିଗଲା, ଯେତେ କଥାବାର୍ତ୍ତା, ସବୁ କ'ଣ ସମ୍ପୂର୍ଣ୍ଣ ମିଥ୍ୟା ଥିଲା ?

ଏଇଠି........

ଏଇ ନିମିଷକ ପୂର୍ବରୁ...........

ସତରେ କ'ଣ ଏଇଠି ?

ନା ତ !

ତାହା ଯେ ଥିଲା ଏକ କ୍ଷୁଦ୍ର ପର୍ଣ୍ଣକୁଟୀ, ଏକ ନାତିକ୍ଷୁଦ୍ର ଶସ୍ୟକ୍ଷେତ୍ରର ବକ୍ଷରେ !

ଏବଂ ମୁଁ .....

ମୁଁ ଏକ ଅଶ୍ୱ ପୃଷ୍ଠରୁ ଅବତରଣ କରି ସେଇଠି ବସି ବସି ଦେଖୁଥିଲି କୃଷକର ଶ୍ରମ-ଗୁମ୍ଫିତ ସେଇ ସବୁଜ କେଦାରରେ ମୃଦୁ ମନ୍ଦ ମୌସୁମୀର ସ୍ନିଗ୍ଧ ଅଭିସାର ଏବଂ ତାର ରୋମାଞ୍ଚର ଟୀରେ ଟୀରେ ଭାରତର ଅନ୍ତର୍ନିହିତ ଶକ୍ତିର ପ୍ରଗଲ୍‌ଭ କଟାକ୍ଷ ।

ଏବଂ, ସେ, ଠିକ୍ ସେତିକିବେଳେ.....

ହଁ, ହଁ, ଠିକ୍ ସେତିକିବେଳେ, ଅଲୁଳାୟିତକେଶା, ଶୀର୍ଣ୍ଣବେଶା, ନୟନରେ ଅଶ୍ରୁର ପ୍ଳାବନ, କମ୍ପିତ ଅଧରରେ ଅବରୁଦ୍ଧ ଅଜସ୍ର ବେଦନା, ବିପର୍ଯ୍ୟସ୍ତ ତନୁବଲ୍ଲରୀରେ ଅକାଳ ଜରାର ବୈକଲ୍ୟ, ନିସ୍ତରଙ୍ଗ ଜୀବନର ବହ୍ନିଶିଖା.....ସେ....ଆସିଥିଲା ।

ସେହି ଶସ୍ୟକ୍ଷେତ୍ରର ସବୁଜିମାରୁ ସତେ ଅବା ଉଦ୍‌ଗତ ହୋଇ ସେ ଆସିଥିଲା ! ଆସିଥିଲା ମୌସୁମୀର ଆର୍ଦ୍ରତାରୁ ଭାବଗମ୍ଭୀର ଅଶ୍ରୁର ଶ୍ରାବଣୀକନ୍ୟା !

ତା' ଦେହରେ ଜ୍ୟୋତି ଥିଲା, ଉଦ୍‌ବେଳନ ନଥିଲା । ତା'ଠାଣିରେ ଦୀପ୍ତି ଥିଲା, ଝଲକ ନ ଥିଲା । ତା'ର ରହସ୍ୟଘନ ପଦପାତରେ ଅଭିମାନ ଥିଲା, ଆଭିଜାତ୍ୟ ନ ଥିଲା । ସେ ଯାହା, ସତେ ଅବା ସେହିପରି ନ ଆସି, ଆସିଥିଲା ଛିନ୍ନ ବିଚ୍ଛିନ୍ନ ହୋଇ, ସତେ ଯେମିତି ସେ ଅନେକ କିଛି, କିନ୍ତୁ କିଛି ବି ନୁହେଁ !

ସେ କ'ଣ ଶୂନ୍ୟର ରହସ୍ୟ ? ସେ କ'ଣ ବିଭିଷିକାର ବିସ୍ମୟ ? ସେ କ'ଣ ଏକ ଛନ୍ଦହରା କିମ୍ବଦନ୍ତୀ ଅବା ମୋର ମନର ବିକାର ?

ମୁଁ ତା'କୁ ଚାହିଁଲେ ହିଁ ମୋର ଦେହରେ, ମୋର ମନରେ, ମୋର ପ୍ରାଣରେ ଆସୁଥିଲା ଏକ ଅନନୁଭୂତ ଶିହରଣ । ସେ କଣ ମୋର କେହି ଏକାନ୍ତ ନିଜର, ଯାହାକୁ ଚିହ୍ନି ସୁଦ୍ଧା ଚିହ୍ନି ପାରିଲି ନାହିଁ ?

ମୁଁ ଜଣେ ଛନ୍ଦୋବଦ୍ଧ ପଳାତକ । ନିର୍ଜଞ୍ଜାଳ ଜୀବନର ଆନନ୍ଦ ଆସ୍ୱାଦନ କରିବା ମୋର ସୌଖୀନ । ଅଶ୍ୱପୃଷ୍ଠରୁ ଅବତରଣ କରି, ଶସ୍ୟ କେଦାର କୋଳରେ ସେଇ ନିର୍ଜନ ପର୍ଣ୍ଣକୁଟୀରରେ ବସି ବସି, ସବୁଜିମାର ତରଙ୍ଗେ ତରଙ୍ଗେ ତନ୍ମୟ ହୋଇ ରହିବା ହୁଏତ ଥିଲା ସେହି ସୌଖୀନର ଏକ ଅଘୋଷିତ ଅଂଶ ।

ସେଇଠି ସେ ମୋତେ କହିଲା । କହିଲା ଗୋଟିଏ ଅଶ୍ରୁ-କରୁଣ କାହାଣୀ । ସେ କାହାଣୀ ଶୁଣି ମୁଁ ଚକିତ ହୋଇଗଲି, ହୋଇଗଲି ହତବାକ୍ ।

ସେ ପଚାରିଲ, 'ଦେଖିଲ ମୋର ପଟୁଆର ?' ଗୋଟିଏ ବିମାନକୁ ପଟୁଆରରେ ନେଇ, ହସି ହସି, ଉତ୍ସବ ପାଳିବା ପାଇଁ ସେମାନେ ଯାଉଥିଲେ, ତମେ ଘୋଡାରେ ଚଢି ଝପଟି ଆସିବା ବେଳେ......''

ମୁଁ ହଁ କଲି । କହିଲି : ତମେ ତେବେ ସେଇ, ଯାହାର ଜୟଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେଉଥିଲା ?

ସେ କିଛି କହିଲାନି । ତାର ବୁକୁ ଥରାଇ ଏକ ଦୀର୍ଘଶ୍ୱାସ ନିର୍ଗତ ହୋଇଯିବାର ମୁଁ ଦେଖିଲି । ଥରି ଥରି, ବହୁ କଷ୍ଟରେ ସେ କହିଲା, 'ତାହା କିନ୍ତୁ ମୋର ବିମାନ ନୁହେଁ, ତାହା ମୋର ଶବାଧାର । ସେମାନେ ମୋତେ ହତ୍ୟା କରିଛନ୍ତି । ସେମାନେ ଜାଣିଛନ୍ତି, ମୁଁ ମରିଗଲିଣି । ସମସ୍ତଙ୍କୁ ଠକିବା ପାଇଁ ମୋର ଶବାଧାରକୁ ସେମାନେ ବିମାନ ପରି ସଜାଇଛନ୍ତି । ସେମାନେ ମୋତେ ବିଦେଶରେ ନେଇ କବର ଦେବେ । ମୋତେ ନିଶ୍ଚିହ୍ନ କରିବେ । ତମେ ଘୋଡା ଝପଟାଇ ଚାଲି ଆସିଲ । ଦେଖିପାରିଲନି, ଯେଉଁମାନେ ସେହି ତଥାକଥିତ ବିମାନର ଚର୍ତୁପାର୍ଶ୍ୱରେ ମୋର କୀର୍ତ୍ତି କୀର୍ତ୍ତନ କରୁଥିଲେ ସେମାନେ ମୋର ଅନୁଗତ ନୁହନ୍ତି, ମୋର ବିଶମ୍ବଦ ନୁହନ୍ତି, ମୋର ଭକ୍ତ ନୁହନ୍ତି, ସେମାନେ ଶାଗୁଣା, ଯେଉଁମାନଙ୍କ କବଳରେ ପଡି ପଡି ମୁଁ ମରିଗଲି ।

ମାତ୍ର......ମାତ୍ର ମୁଁ ମରିବାକୁ ଚାହେଁନା । ମୁଁ ଜୀବନ ଚାହେଁ । ମୁଁ ଜୀବନ୍ୟାସ ଚାହେଁ । ଶଠତାର ନିଛିଦ୍ର ଯନ୍ତ୍ରାରେ ଆବଦ୍ଧ ହୋଇ ଶ୍ୱାସରୁଦ୍ଧ ହେବାରୁ ମୁଁ ମୃତବତ୍ ହୋଇ ପଡିଛି । ଶଠତାରୁ ମୁକ୍ତି ମିଳିଲେ, ଐକାନ୍ତିକତାର ସ୍ପର୍ଶ ପାଇଲେ, ମୁଁ ବଞ୍ଚିଯିବି, ବଞ୍ଚିଯିବି ।

'ତମେ ଉଠ, ଉଠ ତମେ ।

ସେଇ ପ୍ରବଞ୍ଚକଦଳର ପଟୁଆର ଭିତରକୁ ପଶିଯାଇ, ତମେ ସେଇ ବିମାନ ଭିତରେ ଥିବା ମୋର ନିଷ୍ପନ୍ଦ ଦେହକୁ ଐକାନ୍ତକତାର ସ୍ପର୍ଶ ଦିଅ, ତାକୁ ଅନୁଭବ କର, ତା'କୁ ଅନୁଭୂତି ଦିଅ, ତାକୁ ବିଶ୍ୱାସ କର, ତାକୁ ଆତ୍ମବିଶ୍ୱାସ ଦିଅ । ଦେଖିବ, ମୁଁ ପୁଣି ଥରେ ଜୀଇଁ ଉଠିବି ।

କିନ୍ତୁ ସାବଧାନ, ସେମାନେ ତମକୁ ହତ୍ୟା ବି କରିପାରନ୍ତି । ସେମାନେ ବିଶ୍ୱାସଘାତକ । ସେମାନେ କପଟୀ । ସେମାନେ ବିଭସ୍ତ । ସେମାନେ ସ୍ୱାର୍ଥାନ୍ଧ । ସେମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସେମାନେ ଯେ କୌଣସି ଜଘନ୍ୟ ଘଟଣା ଘଟାଇପାରନ୍ତି ।

''ଆଚ୍ଛା, ଅଳ୍ପ ରହ ।....ଏଇ ନିଅ....

'ଭୟ କରୁଛ, ମୁଁ ପ୍ରେତ ବୋଲି ?

'ଡ଼ରନି । ବିଶ୍ୱାସ କର, ମୁଁ ଖୁବ୍ ପବିତ୍ର । ମୁଁ ଛଳହୀନ । ମୁଁ କପଟହୀନ । ମୁଁ ତମର ହିତାକାଙ୍‌କ୍ଷୀ । ବହୁ ଦଶନ୍ଧି ତଳେ, ବିଦେଶୀଙ୍କ କବଳରେ ମୁଁ ନିଷ୍ପେସିତ ହୋଇଚାଲିଥିଲାବେଳେ, ମୋର କୋଟି କୋଟି ସନ୍ତାନ ମୋତେ ମୁକ୍ତ କରିବାକୁ ଅହର୍ନିଶ ସଂଘର୍ଷ କରିଥିଲେ । ଅନେକ ଶହୀଦ୍ ହୋଇଥିଲେ । ଏପରିକି ମାତ୍ର ବାର ବର୍ଷର ବାଳକ ବାଜି ରାଉତ ବେଖାତିର୍ କରିଥିଲେ ମୃତ୍ୟୁକୁ ମୋର ମୁକ୍ତି ପାଇଁ । ସବୁଠାରୁ କମ୍ ବୟସର ସେହି ଅନନ୍ୟ ଶହୀଦ୍‌ଙ୍କ ଅସୀମ ସାହସର ସାଞ୍ଜୁ ମୁଁ ତୁମକୁ ପ୍ରଦାନ କରୁଛି । ନିଅ । ଏହାକୁ ଧାରଣ କର । ଦେଖିବ, ସେମାନେ ତମକୁ ସାମ୍ନା କରିପାରିବେନି । ସେମାନେ ହାରିଯିବେ । ହଁ, ହଁ, ଏହି ସାଞ୍ଜୁ, ବୀର ବାଜି ରାଉତର ସାହସ ଓ ପ୍ରତିବଦ୍ଧତାର ସାଞ୍ଜୁ ତମେ ଧାରଣ କର ।''

ମୁଁ ତା'କୁ ଚିହ୍ନି ନଥିଲି । ତା'ର ପରିଚୟ ନେବାକୁ ଚାହିଁ ମଧ ନେଇପାରିଲି ନାହିଁ । ତା'ର କଥାରେ କି ସମ୍ମୋହନୀ ଶକ୍ତି ଥିଲା ଜାଣେ ନା, ମୁଁ ଉଠିଲି । ଉଠିଲି ଦୃପ୍ତ ଆବେଗରେ । ଖୁବ୍ ବେଗରେ ଘୋଡ଼ା ଛୁଟାଇଲି ସେହି ଦିଗକୁ ଯେଉଁଠି ତା'ର ଶବାଧାରକୁ ବିମାନ ପରି ସଜାଇ, ତା'କୁ ହତ୍ୟା କରି, ତା'ର ମହୋତ୍ସବ ଯାତ୍ରାର ମିଥ୍ୟା ଧ୍ୱନି ଦେଇ, ସେହି ପ୍ରବଞ୍ଚକମାନେ ପଟୁଆର କରି ଚାଲିଥିଲେ ।

ପଛରୁ ତା'ର ସ୍ୱର ଶୁଭିଲା । ବ୍ୟଗ୍ର ଅଧୀର ସ୍ୱର ।

'ଭୟ କରନି । ସେମାନେ ତମକୁ ଅଟକାଇ ପାରିବେନି । ସେମାନେ ନିଜ ନିଜ ଭିତରେ ଝଗଡାରେ ବ୍ୟସ୍ତ । କମିଶନ ପାଇଁ ଝଗଡା । ସେମାନେ ସମସ୍ତେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ, କୌଣସି ନା କୌଣସି ବିଦେଶୀ କମ୍ପାନୀର ଏଜେଣ୍ଟ, କମିଶନ ଏଜେଣ୍ଟ । ଏଇ

**'ଡ଼ରନି । ବିଶ୍ୱାସ କର, ମୁଁ ଖୁବ୍ ପବିତ୍ର । ମୁଁ ଛଳହୀନ । ମୁଁ କପଟହୀନ । ମୁଁ ତମର ହିତାକାଙ୍କ୍ଷୀ । ବହୁ ଦଶନ୍ଧି ତଳେ, ବିଦେଶୀଙ୍କ କବଳରେ ମୁଁ ନିଷ୍ପେସିତ ହୋଇଚାଲିଥିଲାବେଳେ, ମୋର କୋଟି କୋଟି ସନ୍ତାନ ମୋତେ ମୁକ୍ତ କରିବାକୁ ଅହର୍ନିଶ ସଂଘର୍ଷ କରିଥିଲେ । ଅନେକ ଶହୀଦ୍ ହୋଇଥିଲେ । ଏପରିକି ମାତ୍ର ବାର ବର୍ଷର ବାଳକ ବାଜି ରାଉତ ବେଖାତିର୍ କରିଥିଲେ ମୃତ୍ୟୁକୁ ମୋର ମୁକ୍ତି ପାଇଁ । ସବୁଠାରୁ କମ୍ ବୟସର ସେହି ଅନନ୍ୟ ଶହୀଦ୍‌ଙ୍କ ଅସୀମ ସାହସର ସାଞ୍ଜୁ ମୁଁ ତୁମକୁ ପ୍ରଦାନ କରୁଛି । ନିଅ । ଏହାକୁ ଧାରଣ କର । ଦେଖିବ, ସେମାନେ ତମକୁ ସାମ୍ନା କରିପାରିବେନି । ସେମାନେ ହାରିଯିବେ । ହଁ, ହଁ, ଏହି ସାଞ୍ଜୁ, ବୀର ବାଜି ରାଉତର ସାହସ ଓ ପ୍ରତିବଦ୍ଧତାର ସାଞ୍ଜୁ ତମେ ଧାରଣ କର ।''**

ଦେଖ, ସେମାନେ କିପରି ଜାନ୍ତବ ଝଗଡାରେ ବ୍ୟସ୍ତ! ଅଟକି ଯାଅନି । ଯାଅ । ଶେଷ ଚେଷ୍ଟା କର । ସମୟ ଯେ ବହୁତ କମ୍ । ବେଶ୍, ସେଇଠି । ସେଇ ବିମାନ, ସେଇ ମୋର ଶବାଧାର !''

ସେତେବେଳକୁ ସତକୁ ସତ ମୁଁ ସେ ବିମାନପରି ସଜାହୋଇଥିବା ଶବାଧାର ନିକଟରେ ପହଞ୍ଚି ସାରିଥିଲି ।

ଗଭୀର ଉତ୍ତେଜନାରେ ମୋ ଦେହ କଣ୍ଟକିତ ହୋଇଗଲା । ଏହାରି ଭିତରେ ବାନ୍ଧି ହୋଇ ରହିଛି ତା'ର ନିଷ୍ପନ୍ଦ ଦେହ – ଯିଏ ମୋ ପାଖରେ ବସି କଥା କହୁଥିଲା – ଯାହାର ଆବେଦନ ମୋତେ ମନ୍ତ୍ରମୁଗ୍ଧବତ୍ ଠେଲି ଆଣିଲା ଏତେ ବାଟ !

ଦୃପ୍ତ ହସ୍ତରେ ମୁଁ ତା'ର ଦ୍ୱାରୋନ୍ମୁକ୍ତ କଲି ।

କିନ୍ତୁ ଏ କ'ଣ ! ଏ କି ଦୃଶ୍ୟ !

ଏହା ଭିତରେ ମୃତବତ୍ ନିପତିତ ଏମାନେ ସବୁ କିଏ ?

କିଏ ଏ ?

ଶ୍ରମିକ ?

ହଁ, ହଁ, ସେ ଶ୍ରମିକ । ସେ ମୁଁ । ମୋତେ ହତ୍ୟା କରାଯାଇଛି ନିଯୁକ୍ତି ପରିସର ସଙ୍କୁଚିତ କରି, ଦରଦାମ ବୃଦ୍ଧି କରି, ଅମାନୁଷିକ ଭାବେ ଓ ଯଥେଚ୍ଛା ଛଟେଇ କରି, ଶ୍ରମ ଆଇନ୍‌କୁ ବ୍ୟର୍ଥ କରି । ଉତ୍ପାଦନ ବୃଦ୍ଧି ଆଳରେ ମୋତେ ସ୍ୱୟଂକ୍ରିୟ ଯନ୍ତ୍ର ଆଗରେ ବଳି ଦିଆଯାଇଛି । ଧୂପଛାୟା ପରି ଠିଆ ହୋଇ ସେହି ମହିଳା ମୋ କାନ ପାଖରେ ପାଟି କରି ଉଠିଲା ।

ଆଉ ଏ କିଏ ? କୃଷକ ?

ହଁ, ହଁ, ସେ କୃଷକ । ସେ ମୁଁ । ସହର ଗଢିବା ପାଇଁ ମୋ ରାଜକୋଷ ଉଜାଡି, ମୋ ଚାଷଜମିକୁ ପାଣି ଯୋଗାଇବା ପରିବର୍ତ୍ତେ ବଡ଼ ବଡ଼ କାରଖାନାକୁ ବିଜୁଳି, ପାଣି ଓ ପୁଞ୍ଜି ଏବଂ ପୁଞ୍ଜି ଉପରେ ସବ୍‌ସିଡ଼ି ଓ ଟିକସ ଉପରେ ରିହାତି ଯୋଗାଇ ମୋ ପାଇଁ ମୋ ରାଜକୋଷରୁ ମୂଳଧନ ପାଇବା ସମ୍ଭାବନାକୁ ସମ୍ପୂର୍ଣ୍ଣ ସଙ୍କୁଚିତ କରି, ମରୁଡିରେ ମରିବାକୁ ବାଧ କରିଛନ୍ତି ସେମାନେ ମୋ କ୍ଷେତକୁ ଏବଂ ମୋ ସୁନାର ଫସଲକୁ ବଜାର ନ ଯୋଗାଇ ମିଲର୍‌ର ମର୍ଜି କବଳକୁ ମତେ ଫିଙ୍ଗି ଦେଇଛନ୍ତି ସେମାନେ । କାଳେ ଐକ୍ୟବଳରେ ମୁଁ ମୋର ଅଧିକାର ଦାବି କରିବସିବି, ସେଥିପାଇଁ ଜାତିଆଣ ବିଦ୍ୱେଷର ତରବାରୀରେ ମୋତେ ବିଦ୍ଧ କରିଛନ୍ତି ବିଦେଶୀ ବେପାରୀଙ୍କ ସେହି ଛଦ୍ମବେଶୀ ଅନୁଚରମାନେ । ଏବଂ ମୋର ଶତଧା ବିଦୀର୍ଣ୍ଣ ଅବୟବର ଦୁର୍ବଳତାରୁ ଫାଇଦା ଉଠାଇ ଆନ୍ତର୍ଜାତିକ ବାଣିଜ୍ୟ କ୍ଲବ୍‌ର କାରସାଦି ମୋ ଉପରେ ଲଦି ଦେଇ, ମୋର ସ୍ଥିତି ଓ ବିକାଶର ସମ୍ଭାବନାକୁ ବନ୍ଧା ପକାଇ ଦେଇଛନ୍ତି ସାମ୍ରାଜ୍ୟବାଦର ମର୍ଜି ପାଖରେ । ମୁଁ ଅଣନିଶ୍ୱାସୀ ହୋଇ ପଡିଛି । ଜାତିଆଣ ବିଦ୍ୱେଷର ତରବାରୀ ମୋ ଛାତି ଉପରୁ କାଢି ନିଅ । 'ଗାଟ୍' ଚୁକ୍ତିର ରଜ୍ଜୁ ଫିଟାଇ ମୋତେ ମୋର ନିଜସ୍ୱ ସତ୍ତା ଫେରାଇ ଦିଅ । ମୋତେ ଏମିତି ଏକ ପରିସର ଦିଅ ଯେଉଁଠି ଜଳ ବିନା ମୋର ଫସଲ ମରିବନି । ଯେଉଁଠି ପେଟ ଦାଉରେ ନଗଣ୍ୟ ମୂଲ୍ୟରେ ମୋ ଫସଲ ବିକିବାକୁ ମୁଁ ବାଧ ହେବିନି । ନିରୁପାୟ ଫସଲ ବିକ୍ରି ପରିସ୍ଥିତିରୁ ମୋତେ ମୁକ୍ତ କର । ମୁଁ ବଞ୍ଚିଯିବି । ମୁଁ ନିଶ୍ଚୟ ବଞ୍ଚିଯିବି ।

ଏ କିଏ ? ଏ ତ ଏପରି ଦେହ ଯେଉଁଠି ତାରୁଣ୍ୟ ପହଞ୍ଚିବାକୁ ବିଳମ୍ବ ଥିବା କଥା !

ଏ ତ ଶିଶୁ !

ହଁ, ହଁ, ସେ ଶିଶୁ । ସେ ମୁଁ । ସମାଜରେ ସ୍ନେହ ପାଇବାର ସ୍ୱପ୍ନ, ଚାଟଶାଳାରେ ପାଠ ପଢିବାର ସ୍ୱପ୍ନ, ଜ୍ଞାନାକାଶରେ ଉଡି ବୁଲିବାର ସ୍ୱପ୍ନ, ସୁନ୍ଦର ଭବିଷ୍ୟତର ସ୍ୱପ୍ନ– ସବୁ ସ୍ୱପ୍ନର ସୃଷ୍ଟିଖଳା ସେହି ଶିଶୁ ହିଁ ମୁଁ । ମୋ ପରିବାରକୁ ନିରନ୍ନ କରି ରଖାଇ, ମୋ ବାପ ମାଆଙ୍କୁ ଆୟର ମାର୍ଗ ନ ଦେଇ, ମୋ ସ୍କୁଲକୁ ଶିକ୍ଷକ ନ ଯୋଗାଇ, ବଞ୍ଚି ରହିବାକୁ ବର୍ଜ୍ୟ ବସ୍ତୁ ଗୋଟେଇବାକୁ ମୋତେ ବସ୍ତୁତଃ ବାଧ କରି, ମୋ ଶୈଶବକୁ ଉଜାଡି ଦିଆହୋଇଛି । ସ୍ୱପ୍ନ ଦେଖିବାର ଅଧିକାର ମୋଠୁଁ ଛଡେଇ ନିଆ ହୋଇଛି । ମୁଁ ଆଉ ଜୀବନ୍ତ ହୋଇ ନାହିଁ । ତମେ ମୋତେ ମୁକ୍ତ କର । ସେହି ପ୍ରବଞ୍ଚକ ଚକ୍ରକୁ ତମେ ବ୍ୟର୍ଥ କର । ମୁଁ ଫେରି ପାଇବି ମୋର ସ୍ୱପ୍ନ ଦେଖିବାର ଅଧିକାର । ମୁଁ ବଞ୍ଚିଯିବି– କହିଚାଲିଥିଲା ଅନର୍ଗଳ ସେହି ମହିଳା ।

ଏ କିଏ ? କୋମଳ ସୁନ୍ଦର ତନୁ, ଓଢଣୀଢଙ୍କା ମୁହଁ !

ଏ କିଏ ?

'ସେ ମୁଁ । ମୁଁ । ସେ ନାରୀ, ସେ କନ୍ୟା, ସେ ଭଗିନୀ, ସେ ଜାୟା, ସେ ଜନନୀ । ସେ ମୁଁ । ସେ ମୁଁ । ସେ ଶିକାର ହୋଇଛି ପୁରୁଷପ୍ରାଧାନ୍ୟର, ସାମାଜିକ ବୈଷମ୍ୟର । ଶିକ୍ଷା ସତ୍ତ୍ୱେ, ଯୋଗ୍ୟତା ସତ୍ତ୍ୱେ, ଶକ୍ତି ସତ୍ତ୍ୱେ, ସଫଳତା ସତ୍ତ୍ୱେ ତାକୁ ପୁରୁଷଠାରୁ ହୀନ ଭାବେ ଦର୍ଶାଇ ଦର୍ଶାଇ ତା' ଭିତରେ ଭରି ଦିଆହୋଇଛି ହୀନମନ୍ୟତା ଏବଂ ତାକୁ ଚାପି ରଖିବାର ପ୍ରକ୍ରିୟାରେ ତା'ର ମୌଳିକତାକୁ ଅବଜ୍ଞା କରାଯାଇ ତାକୁ ଦିଆଯାଇଛି ଜୀବନ୍ତ ମୃତ୍ୟୁ । ତାକୁ ଖସାଇ ଅଣା ହୋଇଛି ଉପଭୋଗର ସାମଗ୍ରୀସ୍ତରକୁ । ଏହି ଯେଉଁ ପ୍ରବଞ୍ଚକମାନେ ମୋ ଶବାଧାରକୁ ବିମାନ ପରି ସଜାଇ ମୋର ଜୟଜୟକାର କରୁଛନ୍ତି ସେହିମାନଙ୍କ ପ୍ରରୋଚିତ ଆର୍ଥିକ ନୀତି ହେତୁ ବ୍ୟାପିଥିବା ଏଡ୍‌ସ୍ ପରି ବ୍ୟାଧି

**ଯେଉଁମାନଙ୍କ ଶବ ଦେଖୁଛ, ସେ ସବୁ ହିଁ ମୁଁ । ମହାନଦୀର କଲ୍ଲୋଳ ପରି ଯୁଗଯୁଗ ଧରି ପରସ୍ପର ଅବିଚ୍ଛିନ୍ନ ମମତାରେ ବନ୍ଧା ଥାଇ, ପାରସ୍ପରିକ ସହଯୋଗରେ ମହୀୟାନ ହୋଇ ସେମାନେ ବଞ୍ଚି ଆସିଥିଲେ । ସେମାନଙ୍କୁ ଜାତିଆଣ ବିଦ୍ୱେଷରୁ ମୁକ୍ତ କର, ସେମାନେ ବଞ୍ଚିବେ । ସେମାନଙ୍କୁ ସ୍ୱାଭିମାନହୀନତାରୁ ମୁକ୍ତ କର, ସେମାନେ ବଞ୍ଚିବେ । ସେମାନଙ୍କୁ ସାମ୍ରାଜ୍ୟବାଦୀ ଚକ୍ରାନ୍ତରୁ  ମୁକ୍ତ କର, ସେମାନେ ବଞ୍ଚିବେ । ସେମାନଙ୍କୁ ମୁକ୍ତ କର ରାଜନୈତିକ  ଚାଣୁର ଓ ମୁଷ୍ଟିକମାନଙ୍କ କବଳରୁ ଯେଉଁମାନେ କଳାବେପାରୀ–କଂସମାନଙ୍କ ସହାୟକ ସାଜି ସେମାନଙ୍କୁ କିଂ–କର୍ତ୍ତବ୍ୟ–ବିମୂଢ଼ ଅବସ୍ଥାକୁ ଠେଲି ନେଇ ସେମାନଙ୍କ ବିକାଶର ପଥ ଅବରୁଦ୍ଧ କରିଛନ୍ତି, ସେମାନେ ପୁଣି ବଞ୍ଚି ଉଠିବେ ଜୀବନର ନବକଲ୍ଲୋଳର ତାଳେତାଳେ, ନିର୍ଭୁଲ ଦାୟିତ୍ୱ–ସଚେତନତା ଓ କର୍ତ୍ତବ୍ୟବୋଧର ଉନ୍ମାଦନାରେ । ଗଭୀର ଭାବୋଚ୍ଛ୍ୱାସ ଝରି ଆସୁଥିଲା ତାଙ୍କ ପ୍ରଭାବଶାଳୀ କଣ୍ଠରୁ ।**

ପାଇଁ ସେହିମାନେ ତାକୁ ହିଁ ଦାୟୀ କରିବାରେ ଲାଗିଛନ୍ତି । ସାମ୍ରାଜ୍ୟବାଦୀ ବଜାର ବ୍ୟବସ୍ଥାରେ ବଞ୍ଚିବାର ରାହା ଖୋଜି ଖୋଜି ସର୍ବହରା ନାରୀ ତା ଦେହର ଅଭାବୀ ବିକ୍ରୟ କରୁଛି । ଅଥଚ ସେ ନିନ୍ଦିତ ହେଉଛି ବେଶ୍ୟା ଭାବେ । ବେଶ୍ୟା ହେତୁ ଏଡ୍‌ସ୍ ବ୍ୟାପୁଛି ବୋଲି କହି କହି ତାକୁ ଅସହାୟତାର ଆହୁରି ଗଭୀର ଆବର୍ତ୍ତକୁ ଫିଙ୍ଗି ଦିଆହେଉଛି । ପୁଞ୍ଜିବାଦୀ ବ୍ୟବସ୍ଥାରେ ଶୋଷିତ ପୁରୁଷ ନିଜ ଅସହାୟବୋଧ ଅତିକ୍ରମ କରିବା ପାଇଁ ନିଜଠାରୁ ଦୁର୍ବଳ ଉପରେ ଅତ୍ୟାଚାର କରିବାକୁ ବ୍ୟଗ୍ର ଏବଂ ଏହି ବ୍ୟଗ୍ରତାର ଶିକାର ହେଉଛି ନାରୀ । ଏହି ସତ୍ୟକୁ ସ୍ୱୀକାର ନ କରି, ଏଡ୍‌ସ୍ ଯେ ଏକ ସାମାଜିକ–ସ୍ୱାସ୍ଥ୍ୟଗତ ବ୍ୟାଧି ନୁହେଁ, ପରନ୍ତୁ ରାଜନୀତିକ– ଅର୍ଥନୀତିର ପ୍ରଭାବପ୍ରସୂତ ଏକ ବ୍ୟାଧି– ଏହା ନିରୂପଣ ନ କରି, ଏବଂ ଏହି ନିରୂପଣ ଉପରେ ଉପଯୁକ୍ତ ନିରାକରଣ ନ ଲୋଡ଼ି, ଯେଉଁ ସାମ୍ରାଜ୍ୟବାଦୀ ଚକ୍ରାନ୍ତ ହେତୁ ଏହା ହେଉଛି ସେହି ସାମ୍ରାଜ୍ୟବାଦର ବିଭିନ୍ନ ଛାମୁଆ ସଙ୍ଗଠନର ପାଣ୍ଠି ଓ ପ୍ରଚାର ବଳରେ ତହିଁର ଶିକାର ହୋଇ ଚାଲିଥିବା କିଂକର୍ତ୍ତବ୍ୟବିମୂଢ଼ା ନାରୀକୁ ହିଁ ସମ୍ପୂର୍ଣ୍ଣ ଅଯୌକ୍ତିକ ଭାବେ ଏଥିପାଇଁ ଦାୟୀ କରି ତା'ର ସାମାଜିକ ସ୍ଥିତି ଓ ନିର୍ଭରଯୋଗ୍ୟତାକୁ ମଧ୍ୟ ଧ୍ୱଂସ କରାହୋଇ ଚାଲିଛି ।''

ଏକା ନିଃଶ୍ୱାସକେ ଏତକ କହି ସେହି ରହସ୍ୟମୟୀ ମହିଳା ପୁଣି କହିଲେ, 'ପୁଞ୍ଜିବାଦୀ ବ୍ୟବସ୍ଥାରେ ବିବାହ ମଧ୍ୟ ଜୀବନର ବିଶେଷ ବାହକ ନ ହୋଇ, ନାରୀ ଉପରେ ପୁରୁଷର ସ୍ୱାମୀତ୍ୱ ଜାରିର ମାଧ୍ୟମ ହୋଇପଡ଼ିଛି । ନାରୀକୁ ନିଜର ସମାସ୍କନ୍ଧ ସାଥୀ ଭାବେ ସମ୍ମାନ ନ ଦେଇ ପୁରୁଷ ତା'କୁ ଉପଭୋଗ କରିବାକୁ ବିବାହ କରୁଛି ଏବଂ ବିବାହ କରିବାକୁ ଯୌତୁକ ଦାବି କରୁଛି । ସତେ ଯେମିତି ସେ ମଣିଷ ନୁହେଁ , ପଣ୍ୟ । ତା'ଉପରେ ଆରମ୍ଭ ହେଉଛି ଅତ୍ୟାଚାର ଜନନୀର ଜରାୟୁରୁ । ଗର୍ଭସ୍ଥ ଭ୍ରୂଣ ଯଦି ପୁଅ ନୁହେଁ, ଝିଅ ତେବେ ସେ ମାତୃଗର୍ଭରେ ବଞ୍ଚିବ କି ନାହିଁ ତାହା ନିର୍ଭର କରୁଛି ପିତା ଉପରେ, ପୁରୁଷ ଉପରେ । ଯଦି ବଞ୍ଚି ରହିଲା, ପରିବାରରେ ପୁଅ ସହ ସମାନ ମର୍ଯ୍ୟାଦା ଦାବି କରିବାର ଅଧିକାର ତାର ନାହିଁ । ଭାଇ ହାତରେ ଏବଂ ଯଦି ଭାଇ ନାହିଁ, ଧର୍ମ ଭାଇ ହାତରେ ରାକ୍ଷୀ ବାନ୍ଧିବା ପର୍ବ ଖଞ୍ଜି ତାକୁ ଚେତାଇ ଦିଆ ହେଉଛି କି ସେ ନିଜକୁ ନିଜେ ରକ୍ଷା କରିବାକୁ ଅଯୋଗ୍ୟ । ବିନାଶ୍ରୟେ ନ ବର୍ତ୍ତନ୍ତି କବିତା ବନିତା ଲତା– ଏପରି ଦୁହା ତୋଳି ଘରଯୋଗ୍ୟା ହେଲା ପରେ ବାପ ଭାଇଙ୍କ ଆଶ୍ରୟ ଛାଡ଼ି ସ୍ୱାମୀଙ୍କ ଆଶ୍ରୟକୁ ଯିବାକୁ ତା'କୁ ବାଧ୍ୟ କରାହେଉଛି । ତା'କୁ ଆଶ୍ରୟ ଦେବାକୁ ରାଜି ହେଉଥିବା ପୁରୁଷର ପରିବାରବର୍ଗଙ୍କୁ ସେମାନଙ୍କ ଦାବି ଅନୁସାରେ ଦିଆଯାଉଛି ଭରଣା–ଧନ ଯାହାକୁ କୁହା ହେଉଛି ଯୌତୁକ । ଯୌତୁକ ଯୋଜନାର ଉଦ୍ଦେଶ୍ୟ ହେଲା ବିବାହଯୋଗ୍ୟା ଯୁବତୀର ମନରେ ପୁରୁଷଠାରୁ ତା'ର ସ୍ଥିତି ହୀନତର ବୋଲି ଧାରଣା ଦୃଢ଼ୀଭୂତ କରିବା । ଏହି ଧାରଣା ତା' ଭିତରେ ବଦ୍ଧମୂଳ କରାଇ ତା'କୁ ବାଧ୍ୟ କରାହେଉଛି ବିବାହ କରିବାକୁ । ଏବଂ ଏହିପରି ଏକ ପରିବେଶରେ ଲାଞ୍ଛିତ ହୋଇ ହୋଇ ସବୁରି ଅଲକ୍ଷରେ ଲୁହ ଶୁଖୁଛି ତା' ଆଖିରେ । ସେ ଖୋଜି ପାଉନି ତା'ର ମାନବିକ ଅଧିକାର, ଖୋଜି ପାଉନି ତା'ର ନିଜ ନିୟନ୍ତ୍ରଣରେ ରହିପାରୁଥିବା ନିଜସ୍ୱ ଶୈଳୀର ଜୀବନ । ମଣିଷ ହୋଇ ରହିବା ପରିବର୍ତ୍ତେ ବେଠି ଖଟିବା ମେସିନ୍‌ଟାଏ ହୋଇଯାଉଛି ନାରୀ, ତା'ର ଜୀବନର ପ୍ରତିଟି ମୁହୂର୍ତ୍ତ ଭରିଯାଉଛି ଲାଞ୍ଛନାରେ । ବିବାହ ନ କଲେ ସେ ଲାଞ୍ଛିତା, ବିବାହ କରି ଯୌତୁକ୍ କମ୍ ନେଇଥିଲେ ଲାଞ୍ଛିତା, ଗର୍ଭବତୀ ହୋଇ ନପାରିଲେ ସେ ଲାଞ୍ଛିତା, ଗର୍ଭବତୀ ହୋଇ କନ୍ୟା ସନ୍ତାନ ପ୍ରସବ କଲେ ସେ ଲାଞ୍ଛିତା, କୌଣସି ପୁରୁଷକୁ ବିବାହ ନ କଲେ ସେ ଲାଞ୍ଛିତା, ବିବାହ ପରେ ପୁରୁଷକୁ ସ୍ୱାମୀ ଅର୍ଥାତ୍ ପ୍ରଭୁ ବା ମାଲିକ ବୋଲି ନ ମାନିଲେ ସେ ଲାଞ୍ଛିତା, ବାପଘର ହେଉ ବା ଶ୍ୱଶୁର ଘର ହେଉ ନିଶିଦିନ ନିରଳସ ନ ଖଟିଲେ ସେ ଲାଞ୍ଛିତା, ଖଟି ଖଟି ଅସୁସ୍ଥ ହୋଇପଡ଼ିଲେ ସେ ଲାଞ୍ଛିତା, ସଧବା ଥିବା ଯାଏଁ ଲାଞ୍ଛିତା, ବିଧବା ହୋଇଗଲେ ଲାଞ୍ଛିତା । ମୁଁ ସେହି ଲାଞ୍ଛିତା ନାରୀ । ଜୀବନ୍ମୃତା, ସେ କହିଉଠିଲେ କୋହରେ କୋହରେ ।

ମୁଁ ଚହଲି ଗଲି । ଅନ୍ତର୍ଦେଶରୁ କିଏ କହିଉଠିଲା– ସତେ ତ, ସତେ ତ ! କି ଅନ୍ୟାୟ, କି ଜଘନ୍ୟ ଅନ୍ୟାୟ !

ସେହିପରି କୋହଭିଜା କଣ୍ଠରେ ସେ କହିଚାଲିଲେ, 'ତମେ ତ ଦେଖିଥିବ ବୃନ୍ଦାବନ ଧାମରେ ପରିବାର ଦ୍ୱାରା ପରିତ୍ୟକ୍ତ ବଙ୍ଗାଳୀ ବିଧବାଙ୍କ ଭିଡ଼ । ଆଗେ ସେମାନଙ୍କୁ ମୃତ ପତିର ଚିତାଗ୍ନିରେ ପଶି ସତୀ ହେବାକୁ ବାଧ୍ୟ କରାହେଉଥିଲା ବୋଲି ରାମମୋହନ ରାୟଙ୍କ ସଂସ୍କାରବାଦୀ ପ୍ରଚେଷ୍ଟା ହେତୁ ବିଲାତି ସରକାର ସତୀପ୍ରଥା ଉଚ୍ଛେଦ କରିଥିଲେ, କିନ୍ତୁ ତା' ପରଠୁ ଁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଆଣି ଭାଗ୍ୟ

**ହଁ, ହଁ, ସେ ଶିଶୁ । ସେ ମୁଁ । ସମାଜରେ ସ୍ନେହ ପାଇବାର ସ୍ୱପ୍ନ, ଚାଟଶାଳାରେ ପାଠ ପଢିବାର ସ୍ୱପ୍ନ, ଜ୍ଞାନାକାଶରେ ଉଡି ବୁଲିବାର ସ୍ୱପ୍ନ, ସୁନ୍ଦର ଭବିଷ୍ୟତର ସ୍ୱପ୍ନ– ସବୁ ସ୍ୱପ୍ନର ସୃଷ୍ଟିଖଳା ସେହି ଶିଶୁ ହିଁ ମୁଁ । ମୋ ପରିବାରକୁ ନିରନ୍ନ କରି ରଖାଇ, ମୋ ବାପ ମାଆକୁ ଆୟର ମାର୍ଗ ନ ଦେଇ, ମୋ ସ୍କୁଲକୁ ଶିକ୍ଷକ ନ ଯୋଗାଇ, ବଞ୍ଚି ରହିବାକୁ ବର୍ଜ୍ୟ ବସ୍ତୁ ଗୋଟେଇବାକୁ ମୋତେ ବସ୍ତୁତଃ ବାଧ କରି, ମୋ ଶୈଶବକୁ ଉଜାଡି ଦିଆହୋଇଛି । ସ୍ୱପ୍ନ ଦେଖିବାର ଅଧିକାର ମୋଠୁଁ ଛଡେଇ ନିଆ ହୋଇଛି । ମୁଁ ଆଉ ଜୀବନ୍ତ ହୋଇ ନାହିଁ । ତମେ ମୋତେ ମୁକ୍ତ କର । ସେହି ପ୍ରବଞ୍ଚକ ଚକ୍ରକୁ ତମେ ବ୍ୟର୍ଥ କର । ମୁଁ ଫେରି ପାଇବି ମୋର ସ୍ୱପ୍ନ ଦେଖିବାର ଅଧିକାର । ମୁଁ ବଞ୍ଚିଯିବି**

ଆଦରି ରହିବାକୁ ବୃନ୍ଦାବନରେ ଛାଡି ଦିଆହେଉଛି । ମୁଁ ସେହି ବିଧବା । ବଞ୍ଚି ମଧ ବଞ୍ଚି ପାରିନାହିଁ । ଶେଷକାଳରେ ସନ୍ତାନ ସୁଖ ପାଇବି ବୋଲି ସନ୍ତାନ ଜନ୍ମ କରି ଯାହାର ଜୀବନ ବିକାଶ ପାଇଁ କୃଚ୍ଛ୍ର ସାଧନା କରିଥିଲେ ସେ ମୋତେ ଆଣି ଧର୍ମ ଜିମା ଛାଡିଯାଇଛି ମୋର ସବୁଠୁଁ ବେଶୀ ଅସହାୟ ଅବସ୍ଥାରେ । ଜନ୍ମରୁ ଅବଳା ତ ! ମୋର ବଳ କାହିଁ ମୋ ସନ୍ତାନମାନଙ୍କ ଏହି ପାଶବିକ ଅବହେଳା ପ୍ରଦର୍ଶନ ବିରୁଦ୍ଧରେ ସ୍ୱର ଉତ୍ତୋଳନ ପାଇଁ ?

'ଖାଲି କ'ଣ ବଙ୍ଗଳା ? ତମେ କଣ ଜାଣିନ, ବିଲାତି ଶାସନ ଲୋପ ହେଲା ପରଠୁଁ ବାରମ୍ବାର, ଅନ୍ୟୂନ ଚାଳିଶ ବାର, ସତୀ ଦାହ ହେଲାଣି ? ସବୁଠୁ ବେଶୀ ସତୀ ଦାହ ଘଟିଲାଣି ରାଜସ୍ଥାନରେ ଯେଉଁଠି ସବୁ ରାଜନୀତିକ ଦଳଙ୍କ ଭିତରେ ଭାରତୀୟ ସଂସ୍କୃତି ସପକ୍ଷରେ ବେଶୀ ଦୁହା ତୋଳୁଥିବା ବିଜେପିର ଶକ୍ତି ଆଖିଦୃଶିଆ ଭାବେ ଅଧିକ । ବିଜେପି ଏବଂ ତା'ର ମୌଳବାଦୀ ସହଯୋଗୀମାନେ ବେଦବାଦ ସୁଦୃଢୀକରଣ ପାଇଁ ଲାଗିଛନ୍ତି । ଯେଉଁଠି ଯେଉଁଠି ସେମାନଙ୍କ ରାଜନୀତିକ ଶକ୍ତି ଅଧିକ ସେହି ସେହିଠି ସତୀଦାହ ଚାଲିଛି । କାରଣ ବେଦ ସତୀଦାହର ସମର୍ଥକ । ବିଶ୍ୱାସ ହେଉନି ? ଶୁଣ, ଋଗ୍‌ବେଦ୍‌ର ଏହି ମନ୍ତ୍ରଟି ଶୁଣ –

*ଇମା ନାରୀରବିଧବାଃ ସୁପତ୍ନୀରାଞ୍ଜନେନ ସର୍ପିଷା ସଂବିଶନ୍ତୁ ।*

*ଅନଶ୍ରବୋ ଅନମିବାଃ ସୁରତ୍ନା ଆରୋହନ୍ତୁ ଜନୟୋଯୋନିମଗ୍ରେ ।(ଋ.୧୦.୮.୭)*

ଏହାର ସାରମର୍ମ ହେଲା – (ଯେହେତୁ ସତୀ ସ୍ତ୍ରୀମାନଙ୍କ ସ୍ୱାମୀମାନେ ମୃତ୍ୟୁ କବଳରେ ପଡନ୍ତି ନାହିଁ, ଶେଷ ନିଃଶ୍ୱାସ ତ୍ୟାଗ କରି ସେମାନେ ଇହଲୋକରୁ ସ୍ୱର୍ଗ ବା ଅମରପୁର ଉଦ୍ଦେଶ୍ୟରେ ତିରୋହିତ ହୁଅନ୍ତି, ସେହେତୁ) ସତୀ ସ୍ତ୍ରୀମାନେ ବିଧବା ନ ହୁଅନ୍ତୁ, ସ୍ୱାମୀମାନଙ୍କ ଚିତାଗ୍ନିକୁ ସେମାନେ ସ୍ୱର୍ଗକୁ ଯିବା ସୋପାନ ଭାବେ ଗ୍ରହଣ କରି, ଅବିଧବା ଅବସ୍ଥାରେ ଅର୍ଥାତ୍ ବିଧବା ନ ହୋଇ, ସଧବା ପରି କେଶ ବିନ୍ୟାସ କରି, ସୁନ୍ଦର ଅଳଙ୍କାରରେ ନିଜ ନିଜକୁ ସଜାଇ, ସୁବେଶ ହୋଇ, ନିଜ ନିଜକୁ ଘୃତସିକ୍ତ କରି ସ୍ୱାମୀଙ୍କ ସହଗାମିନୀ ହେବାକୁ ସେହି ଚିତାଗ୍ନିରେ ପ୍ରବେଶ କରନ୍ତୁ ।

'ଏହାହିଁ ଯେତେବେଳେ ବେଦର ନିର୍ଦ୍ଦେଶ, ଏବଂ ବେଦୀରେ ବସି ବୈଦିକ ରୀତିରେ ବିବାହ ଉପରେ ଯେତେବେଳେ ଗୁରୁତ୍ୱ ଦିଆ ହୋଇଚାଲିଛି, ସେତେବେଳେ ସତୀଦାହକୁ ବିରୋଧ କରିବ କିଏ ? ସତୀତ୍ୱର ପରୀକ୍ଷା ଦେଇ ଦେଇ ସୀତା ପୁରାଣ ପୃଷ୍ଠାରେ ମରିଥିଲେ, ନିଜକୁ ସତୀ ବୋଲି ସାବ୍ୟସ୍ତ କରିବାକୁ ସ୍ୱାମୀର ଚିତାଗ୍ନିରେ ଝାସ ଦେଇ ଧରଣୀ ପୃଷ୍ଠରେ ମରୁଛି ଏବର ନାରୀ । ବେଦବାଦକୁ ଯଦି ବିରୋଧ କରି ହେଉନି, ସତୀଦାହକୁ ବିରୋଧ କରିବ କିଏ ?''

ମୂର୍ତ୍ତିମନ୍ତ ଝଞ୍ଜା ପରି ଦମକାଏ ଦୀର୍ଘଶ୍ୱାସ ଫିଙ୍ଗି ଦେଇ ସେହି ରହସ୍ୟମୟୀ ମହିଳା ସତେ ଯେମିତି ବାହୁନି ଉଠିଲେ – ଧର୍ମର ଅଫିମ ନିଶା ମଣିଷ ପଣିଆକୁ ଯେତେବେଳେ ଗ୍ରାସି ଗ୍ରାସି ଚାଲିଚି, ସତୀ ଦାହକୁ କିଏ ବିରୋଧ କରିବ, କିଏ ? ଏବଂ , ମୋ ଆଡେ ଅନେଇ କହି ଚାଲିଲେ, 'ଆଶା ଥିଲା, ନ୍ୟାୟପାଳିକା କିଛି କରିବ । ମାତ୍ର ଯେଉଁଠି ନ୍ୟାୟପାଳିକାର କାମ ଆରମ୍ଭ ହୁଏ, ଈଶ୍ୱରଙ୍କ ନାମରେ ନିଆଯାଉଥିବା ଶପଥରୁ, ସେଠି ବେଦର ନିର୍ଦ୍ଦେଶ ବିରୁଦ୍ଧରେ ଯାଇ ଆଇନ ସପକ୍ଷରେ ରହିବାକୁ ନ୍ୟାୟପାଳିକାର ସାହସ ଆସିବ କେଉଁଠୁ ?''

'ତମେ ଦେଖିନ ? ତମେ ଦେଖିନ ?' ବୋଲି ଅତି ଆକୁଳ କଣ୍ଠରେ ପ୍ରଶ୍ନ କରି ସେ କହି ଚାଲିଲେ, 'ରୂପ୍ କନ୍‌ୱାର୍ ମାତ୍ର ଅଠର ବର୍ଷର ତରୁଣୀଟିଏ । ତଦ୍‌ପେକ୍ଷା କମ୍ ବୟସରେ, ନାବାଳିକା ଥିବାବେଳେ, ଜଣେ ବୟସ୍କ ବ୍ୟକ୍ତିଙ୍କ ସହ ତା'କୁ ବାହା କରାହୋଇଥିଲା । ସେ ମରିଗଲେ, । ଦାମ୍ପତ୍ୟ କ'ଣ ଚାଖିନଥିଲା ରୂପ୍ କନ୍‌ୱର୍ । ମା' ହେବାର, ମଣିଷ ଶିଶୁ ସୃଷ୍ଟି କରିବାର ନାରୀ ସୁଲଭ ସ୍ୱପ୍ନ ତା' ପାଇଁ କେବଳ ସ୍ୱପ୍ନରେ ହିଁ ଥିଲା, ସେ ବିଧବା ହୋଇଗଲା । କ'ଣ ହେଲା ତା' ପରେ ତମେ କଣ ଜାଣିନ ? ଜାଣିନ ? ବେଦବାଦୀମାନେ ତା'କୁ ସଧବା ପରି ସଜାଇ ସ୍ୱାମୀର ଚିତାଗ୍ନିରେ ପଶିବାକୁ ବାଧକଲେ, ତା'ର ଆକୁଳ କ୍ରନ୍ଦନ ହଜିଗଲା ଚିତାଗ୍ନିର ଲେଲିହାନ ଶିଖାର ଶିତ୍କାରରେ, ସତୀସପକ୍ଷନାଦର ଆବର୍ତ୍ତରେ, ବେଦବାଦୀମାନଙ୍କ ବିଭତ୍ସ ଆନନ୍ଦରେ, ରାଜସ୍ଥାନର ଦେଓରଲା ଗାଁରେ, ୧୯୮୭ ଖ୍ରୀଷ୍ଟାବ୍ଦର ସେପ୍ଟେମ୍ବର ମାସର ଚାରି ତାରିଖରେ । ତୁମେ କ'ଣ ଏକଥା ଜାଣିନ ? ତମେ କ'ଣ ଜାଣିନ, ଗଣମାଧ୍ୟମରେ ଏହି ବର୍ବରତା ବିରୁଦ୍ଧରେ ଚର୍ଚ୍ଚା ହେବା ପରେ ସଭ୍ୟ ଦୁନିଆଁ ପାଖରେ ନିଜ ମୁଖରକ୍ଷା ପାଇଁ ମୌଳବାଦୀଙ୍କ ମଦତ୍‌ରେ ଗଢା ରାଜସ୍ଥାନ ସରକାର ପୋଲିସ୍ ଦ୍ୱାରା କନ୍‌ୱାର୍ ପରିବାରର ଏଗାର ଜଣ ସଦସ୍ୟ ଓ ସହଯୋଗୀଙ୍କୁ ଦୌରା–ସୁପର୍ଦ୍ଦ କରିଥିଲେ ? କିନ୍ତୁ ହେଲା କ'ଣ ? ନ୍ୟାୟପାଳିକା ଗେଣ୍ଡାଗତିରେ ଚାଲିଥିଲାବେଳେ, ଆଇନ୍‌କୁ ଉପହାସ କରି, ଶଙ୍କରାଚାର୍ଯ୍ୟମାନଙ୍କ ମତାନୁଯାୟୀ ରୂପ୍ କନ୍‌ୱାର୍‌କୁ ତା' ସ୍ୱାମୀର ଚିତାଗ୍ନିରେ ଯେଉଁଠି ପୋଡି ମାରିଦିଆଯାଇଥିଲା ସେହି ସ୍ଥାନ ହୋଇଗଲା ସତୀ ସ୍ଥଳ ଓ ସେ ହୋଇଗଲା ସତୀ ଠାକୁରାଣୀ । ତା'

ନାମରେ ମନ୍ଦିର ହେଲା ଏବଂ ସ୍ତ୍ରୀମାନଙ୍କ ପାଇଁ ନିଆଁରେ ଝାସ ଦେଇ ସ୍ୱାମୀର ସହଗାମିନୀ ହେବା ପ୍ରଚାରିତ ହେଲା ମାନବୀରୁ ଦେବୀ ହେବାର ଏକମାତ୍ର ମାଧ୍ୟମ ଭାବେ । ଗଡି ଗଡି ଶେଷରେ ଯେତେବେଳେ ଦୌରା ସୁପର୍ଦ୍ଦ ହୋଇଥିବା ଲୋକଙ୍କ ଉପରେ ବିଚାର କରୁଥିବା ସ୍ୱତନ୍ତ୍ର ଅଦାଲତ ୨୦୦୪ର ଜାନୁଆରୀ ୩୧ ତାରିଖରେ ନିଜର ନିଷ୍ପତ୍ତି ଶୁଣାଇଲେ, ସେତେବେଳେ ମୌଳବାଦୀଙ୍କ ମୁଖ୍ୟଶକ୍ତି ଅଟଳ ବିହାରୀ ବାଜପେୟୀ ଥିଲେ ପ୍ରଧାନମନ୍ତ୍ରୀ, କ'ଣ ଥିଲା ସେହି ନିଷ୍ପତ୍ତି ? ତମେ କ'ଣ ଜାଣିନ ? ହିନ୍ଦୁ ସମାଜର ପରମ୍ପରା ଅନୁଯାୟୀ ରୂପ୍ କନ୍‌ୱାର୍ ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେଇଥିଲେ ବୋଲି ନିର୍ଣ୍ଣୟ ଦେଇ ସେହି ସ୍ୱତନ୍ତ୍ର ନ୍ୟାୟଧୀଶ ସୁପର୍ଦ୍ଦ ହୋଇଥିବା ସେହି ଏଗାର ଜଣ ଅଭିଯୁକ୍ତଙ୍କୁ ଖଲାସ କରିଦେଇଥିଲେ ।

ଏହା କହୁ କହୁ ସେ ରାଗରେ ପାଚିଯାଉଥିଲେ କି ଲଜ୍ଜାରେ ଲାଲ୍ ହୋଇପଡୁଥିଲେ, ମୁଁ ଜାଣିପାରୁନଥିଲି । କିନ୍ତୁ ତୁହାକୁ ତୁହା ବୈଶାଖୀ ଝଞ୍ଜା ପରି ତତଲା ଦୀର୍ଘଶ୍ୱାସ ତାଙ୍କ ବୁକୁ ଥରାଇ ବାହାରି ଆସୁଥିଲା ।

'କୁଆଡେ ଗଲା ସତୀଦାହ ଉଚ୍ଛେଦ ଆଇନ ଯାହା ବିଦେଶୀ ସରକାର ସୁଦ୍ଧା ପ୍ରଣୟନ ଓ ପ୍ରବର୍ତ୍ତନ କରିଥିଲା ? କୁଆଡେ ଗଲା ସ୍ୱଦେଶୀ ସରକାର ପ୍ରଣୟନ କରିଥିବା The Commission of Sati (Prevention) Act, 1987 ? ଯହିଁର ଧାରା ୪(୧)ରେ କୁହାହୋଇଥିଲା : if any person commits sti, whoever abets the commission of such sati, either directly or indirectly, shall be punishable with death or imprisonment for life and shall also be liable to fine. କୌଣସି ନାରୀ ମୃତ ପତିର ଚିତାଗ୍ନିରେ ପଶି ସତୀ ହେଲେ, ତହିଁରେ ତା'କୁ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କୁ ମୃତ୍ୟୁ ଦଣ୍ଡ ବା ଆଜୀବନ କାରାଦଣ୍ଡ ସହ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ ବୋଲି ଏହି ଯେଉଁ ଆଇନ୍ ହେଲା, ଯେଉଁ ଆଇନ୍ ଧାରା ୯ ବଳରେ ସମ୍ପୃକ୍ତ ବିଚାରପତି ନିଜ ଅଧିକାର ପାଇଥିଲେ, ତହିଁର ଫଳ କ'ଣ ହେଲା ? କୁଆଡେ ଗଲା ଏହି ଆଇନ୍‌ର ଧାରା ୫ ?– ଯହିଁରେ କୁହାହୋଇଛି: Whoever does any act for the glorification of sati shall be pusnishable with imprisonment for a term which shall not be less than one year but which may extend to seven years and with fine which shall not be less than five thousand rupees but which may extend to thirty thousand rupees. ଯେଉଁମାନେ ସତୀ ହୋଇଥିବା ରୂପ୍ କନ୍‌ୱାର୍‌ଙ୍କୁ ଦେବୀର ମର୍ଯ୍ୟାଦା ଦେଇଛନ୍ତି, ସେ ଶଙ୍କରାଚାର୍ଯ୍ୟ ଓ ମୌଳବାଦୀମାନଙ୍କ ବିରୁଦ୍ଧରେ ଦଣ୍ଡବିଧାନ ହେଲା ନାହିଁ କାହିଁକି ? କାହିଁକି ?– ତୁହାଇ ତୁହାଇ ପଚାରିଲେ ସେହି ମହିଳା । ଏବଂ ପଚାରିଲେ, 'ଆଇନ ଅପେକ୍ଷା ମୌଳବାଦୀ ପରମ୍ପରା ଯେଉଁଠି ସ୍ୱତନ୍ତ୍ର ଅଦାଲତରେ ବିଚାରପତିଙ୍କ ନିଷ୍ପତ୍ତିକୁ ନିୟନ୍ତ୍ରିତ କରେ ସେଠି ନାରୀ ନିର୍ଯ୍ୟାତନା ଲୋପ ହେବ କିପରି ?



ମୁଁ ଜାଣିବାକୁ ଚାହିଁଲି, ସ୍ୱତନ୍ତ୍ର ଅଦାଲତର ବିଚାରପତି ଯଦି ଭୁଲ୍ କଲେ, ସର୍ବୋଚ୍ଚ ନ୍ୟାୟାଳୟ ତହିଁରେ ହସ୍ତକ୍ଷେପ କଲେ ନାହିଁ କାହିଁକି ?

'ତାଙ୍କ ବିଚାର ପରିସରକୁ ଗଲେ ତ ?' ସେ ପ୍ରଶ୍ନ କଲେ ଏବଂ କହିଲେ, '୧୯୮୭ରେ ଏହି ଆଇନ ତ ଏକ ପ୍ରହସନ ! ଲୋକଙ୍କୁ ପ୍ରତାରିତ କରିବା ପାଇଁ ଏହି ଆଇନ ପ୍ରଣୀତ । ସତୀଦାହ ବ୍ୟାପାରରେ ବିଚାର କରିବାର ଅଧିକାର କେବଳ ସ୍ୱତନ୍ତ୍ର ଅଦାଲତକୁ ଦିଆଯାଇଛି । ଅନ୍ୟ କାହାର ଏ ଅଧିକାର ନାହିଁ । ପୁଣି ଏପରି ସ୍ପର୍ଶକାତର ପ୍ରସଙ୍ଗରେ ବିଚାରକୀୟ ଯୌଥ ବିଜ୍ଞତା ପ୍ରୟୋଗର ପରିସର ବି ଆଦୌ ନାହିଁ, କାରଣ କେବଳ ଜଣେ ବିଚାରପତି ହିଁ ଏହି ବିଚାର କରିବେ । ଏହି ଜଣିକିଆ ବିଚାରପତି ଯଦି ଧରି ନିଅନ୍ତି ଯେ ବେଦରେ ଯେହେତୁ

ସ୍ୱାମୀର ଚିତାଗ୍ନିରେ ଝାସ ଦେଇ ସତୀ ହେବାକୁ ସ୍ତ୍ରୀର କର୍ତ୍ତବ୍ୟ ରୂପେ ଦର୍ଶାଯାଇଛି ସେହେତୁ ବୈଦିକ ରୀତିରେ ବିବାହ କରିଥିବା ସ୍ତ୍ରୀ ପକ୍ଷେ ସତୀ ହେବାକୁ ପତିର ଚିତାଗ୍ନିରେ ଝାସ ଦେବା ବେଆଇନ୍ ନୁହେଁ ତେବେ ସର୍ବୋଚ୍ଚ ନ୍ୟାୟାଳୟ କ'ଣ ବା କରିବେ ?'

ଏ ତ ବଡ ଶୋଚନୀୟ ସ୍ଥିତି ! ମୁଁ ଚିତ୍କାର କରି ଉଠିଲି ।

ସେ କହିଲେ, ହଁ, ଶୋଚନୀୟ । ଏହି ଶୋଚନୀୟ ସ୍ଥିତିରୁ ତମେ ତାକୁ ରକ୍ଷା କର । ସେ ସାଥୀ ହୋଇପାରେ, ସେ ସେବିକା ହୋଇପାରେ, ସେ ସଖୀ ହୋଇପାରେ, ସେ ଭଗ୍ନୀ ହୋଇପାରେ, ସେ ଜାୟା ହୋଇପାରେ, ସେ ଜନନୀ । ସେ ମାଆ । ତମେ ତାକୁ ରକ୍ଷା କର । ସେହି ପ୍ରବଞ୍ଚକ ଦଳ କବଳରୁ ତା'କୁ ରକ୍ଷା କର ।

ବିମାନ ପରି ସଜା ହୋଇଥିବା ତାଙ୍କ ଶବାଧାର ଭିତରକୁ ମୁଁ ପୁଣି ଚାହିଁଲି ।

ଏ କିଏ ? ଏ ତ ସାମ୍ବାଦିକ !

ହଁ, ହଁ , ସେ ସାମ୍ବାଦିକ । ସେ ମୁଁ । ଗଣତନ୍ତ୍ରର ରକ୍ଷା କବଚ ଥିଲା ପ୍ରେସ୍ ସ୍ୱାଧୀନତା ଏବଂ ଏହି ସ୍ୱାଧୀନତାର ଆଧାରଶିଳା ଭୂମିକାରେ ଥିଲେ ଗଣମାଧ୍ୟମର ସମ୍ପାଦକ । କୌଣସି ସାମ୍ବାଦିକ ଗଣମାଧ୍ୟମର ଧନପତି ମାଲିକଙ୍କ ପାଖରେ ଉତ୍ତରଦାୟୀ ନଥିଲେ, ଥିଲେ କେବଳ ସେଠାରେ ବୃତ୍ତିରତ ପେସାଦାର ସମ୍ପାଦକଙ୍କ ପାଖରେ । ସୁତରାଂ ପ୍ରେସ୍ ସ୍ୱାଧୀନତା ଅକ୍ଷୁର୍ଣ୍ଣ ଥିଲା । ଧନତନ୍ତ୍ର ହେତୁ ପରିସ୍ଥିତି ବଦଳି ଯାଇଛି । ନାନାବିଧ ଆର୍ଥିକ ଅପରାଧରେ ଲିପ୍ତ ବ୍ୟକ୍ତିମାନେ ନିଜ ନିଜର କଳାକର୍ମକୁ ଢାଙ୍କୁଣୀ ଦେବା ପାଇଁ ଏବଂ ଚତୁର୍ଥ ସ୍ତମ୍ଭର ଅମାପ ଶକ୍ତିକୁ ନିଜ ସପକ୍ଷରେ ଉପଯୋଗ କରିବା ପାଇଁ ଏବଂ ନିଜ କଳା- ସାମ୍ରାଜ୍ୟ ପାଇଁ ଲବି – ଶକ୍ତି ବଢାଇବା ପାଇଁ ନିଜ ନିଜକୁ ବା ନିଜର ପୋଷାମନା ବିଶ୍ୱସ୍ତ କୁଡାମାନଙ୍କୁ ନିଜ ନିୟନ୍ତ୍ରଣାଧୀନ ଗଣମାଧ୍ୟମର ସମ୍ପାଦକ ପଦରେ ଆସୀନ କରାଇଛନ୍ତି । ସୁତରାଂ ସାମ୍ବାଦିକ ଆଜି ସମ୍ପାଦକଙ୍କ ନିର୍ଦ୍ଦେଶ ଘେନିବା ଆଳରେ ମାଲିକଙ୍କ ନିର୍ଦ୍ଦେଶ ଘେନୁଛନ୍ତି ଓ ପ୍ରେସ୍ ସ୍ୱାଧୀନତା ଜନସ୍ୱାର୍ଥର ସୁରକ୍ଷା ପରିବର୍ତ୍ତେ ପ୍ରେସ୍ ମାଲିକଙ୍କ ଆର୍ଥିକ ସ୍ୱାର୍ଥର ସୁରକ୍ଷାକବଚ ପାଲଟି ଯାଇଛି । ଲୋକସ୍ୱାର୍ଥର ଅତନ୍ଦ୍ର ପ୍ରହରୀ ସାମ୍ବାଦିକ ଏପରି ଭାବେ ଧନତନ୍ତ୍ରର କବ୍‌ଜାରେ ପଡି ଲୋକଶତ୍ରୁଙ୍କ ସେବାରେ ନିୟୋଜିତ ହୋଇଥିବା ହେତୁ ଆଜି ମୃତବତ୍ ନିଷ୍ପନ୍ଦ ।  ତମେ ତାକୁ ମୁକ୍ତ କର, ମୁକ୍ତ କର, କହିଲେ ସେହି ମହିଳା ।



ଏ ପୁଣି କାହାର ଶବ ? ଏ ତ ପାର୍ଲିଆମେଣ୍ଟ !

ହଁ, ହଁ, ସେ ପାର୍ଲିଆମେଣ୍ଟ । ସେ ମୁଁ । ମୋରି ସରକାର ମୋରି କଣ୍ଠରୁଦ୍ଧ କରି ମୋତେ ମାରିଛି । ମୋର ଅବମାନନା କରି କରି ମୋତେ ମାରିଛି । ମୋ ସାର୍ବଭୌମତ୍ୱ ଉପରେ ଧୂମ୍ର ପଟଳ ସୃଷ୍ଟି କରିଥିବା 'ଗାଟ୍' ଚୁକ୍ତିରେ ଯେଉଁ ସରକାର ସ୍ୱାକ୍ଷର କଲା ତା'କୁ ମୁଁ ଗଢିଥିଲି । ଅଥଚ ସେହି ସରକାର ମୋ ପାଖରେ ଉତ୍ତରଦାୟୀ ବୋଲି ସାମ୍ବିଧାନିକ ବ୍ୟବସ୍ଥା ଥିଲେ ମଧ୍ୟ, ମୋତେ ସେହି ଚୁକ୍ତିନାମାଟି ବି ଦେଖାଇବାକୁ ମନା କଲା । ତଦ୍ୱାରା ପ୍ରଚୋଦିତ ମୁକ୍ତ ଅର୍ଥନୀତିର ପ୍ରପଞ୍ଚ ପରିଣତିରେ ଘଟିଥିବା ପାଞ୍ଚହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ପ୍ରତିଭୂତ ତୋଷରପାତର ତଦନ୍ତ ପାଇଁ ମୁଁ ଗଢିଥିଲି ଏକ ଜଏଣ୍ଟ କମିଟି । ସେହି ସରକାର ସେହି କମିଟିର ସୁପାରିଶକୁ ବି ଉଜାଡି ଦେଲା । ଉଜାଡି ଦେଲା ମୋର ପତିଆରା, ମୋର ଇଜ୍ଜତ । ଅଥଚ ମୁଁ ଏପରି ଅକାଳ ଅଥର୍ବତା ଦ୍ୱାରା କବଳିତ ଯେ ଯେଉଁ ବ୍ୟକ୍ତି ମୋର ବିନା ଅନୁମତିରେ 'ଗାଟ' ଚୁକ୍ତିନାମାରେ ସ୍ୱାକ୍ଷର କରି, ମୁକ୍ତ ଅର୍ଥନୀତି ପ୍ରବର୍ତ୍ତନ ଦ୍ୱାରା ମୋ ସାମ୍ବିଧାନିକ ସଂକଳ୍ପକୁ ପଣ୍ଡ କରି, ଧନତନ୍ତ୍ରର ଅତଳ ଗହ୍ୱରକୁ ମୋତେ ନିକ୍ଷେପ କରି, ନର୍କ ଯନ୍ତ୍ରଣାରେ ମୋତେ ଜର୍ଜରିତ କରିଚାଲିଛି, ସେ ପ୍ରଧାନମନ୍ତ୍ରୀ ହୋଇ, ହୋଇସାରିଲାଣି ମୋର ସର୍ବୋଚ୍ଚ ନେତା, ମୁଁ ବାଧା ବି ଦେଇପାରିନି !' ଏକା ନିଃଶ୍ୱାସକେ ଏତକ କହି ମହିଳା କାନ୍ଦି ପକାଇଲେ ହୃଦୟଫଟା ଦୁଃଖରେ ।

ତା' ପରେ ଧୀରେ ପ୍ରକୃତିସ୍ଥ ହୋଇ କହିଲେ, 'କେଉଁ ସରକାର କାହାଠୁ କମ ନୁହେଁ । ଯେଉଁ ସରକାରକୁ ମୁଁ ଯେତେବେଳେ କୋଳରେ ଧରିଛି, ସେତେବେଳେ ତାହା ମୋର କଣ୍ଠରୁଦ୍ଧ କରିଛି । କେବଳ କ୍ଷମତାରେ ଥିବା ମନ୍ତ୍ରୀମାନେ ନୁହନ୍ତି, ମୋତେ ଢାଲ ଭାବେ ବ୍ୟବହାର କରି ଦଳ ମତ ନିର୍ବିଶେଷରେ ମୋରି ସଦସ୍ୟମାନେ ସର୍ବବିଧ ଅପରାଧ କରି ତହିଁର ପରିଣତିରୁ ବର୍ତ୍ତିବା ପାଇଁ ମୋରି ସ୍ୱାଧୀକାରର ଦୁରୁପଯୋଗ କରି କରି ମୋତେ ବ୍ୟର୍ଥ କରିଛନ୍ତି । ମୋରି କୋଳରେ ବିଭେଦ ଉଦ୍ରେକକାରୀ ଆଇନ ପ୍ରଣୟନ କରି, ସାମାଜିକ ସଦ୍‌ଭାବ ଓ ପାରସ୍ପରିକ ପରିପୂରକତାର ବାତାବରଣକୁ ଧ୍ୱଂସ କରି, ମୋର ବିକାଶର ପଥ ରୁଦ୍ଧ କରିଛନ୍ତି ।  ରାଷ୍ଟ୍ରୀୟ ଉଦ୍ୟୋଗଗୁଡିକ ରୁଗ୍ଣ କରାଇ, ସେହି ଆଳରେ ସେଗୁଡିକ ଘରୋଇ ଓ ବିଦେଶୀ ପୁଞ୍ଜିପତିମାନଙ୍କୁ ସେମାନଙ୍କ ପସନ୍ଦ ଅନୁରୂପ ଦରରେ ବିକି ଯେଉଁ ସରକାରର ମନ୍ତ୍ରୀମାନେ ନିଜ ପାଇଁ ଦଲାଲୀ ଲାଭ ଉଠାନ୍ତି ସେମାନଙ୍କୁ ସହ୍ୟ କରି ମୋରି ସୃଷ୍ଟ ଓ ମୋରି ପରିପୁଷ୍ଟ ସମ୍ବିଧାନକୁ ଜଖମ କରିଦେଇଛନ୍ତି ମୋରି ସଦସ୍ୟମାନେ । ପ୍ରବଞ୍ଚନାରେ ଦଳି ହୋଇ ହୋଇ ମୁଁ ମରିଯାଇଛି ବୋଲି ସେମାନେ ଭାବୁଛନ୍ତି । ମୋର ବିଲୟରେ ଉଲ୍ଲସିତ ହୋଇ ,ଏଇ ଦେଖ, ସେମାନେ ମୋତେ ସେମାନଙ୍କ ଜୟଯାତ୍ରାର ବିମାନରେ ଭରି ରଖିଛନ୍ତି । ମୋତେ ଏହି ପ୍ରତାରଣାର ଅନ୍ଧକାରମୟ ଗହ୍ୱରରୁ ମୁକ୍ତ କର । ମୋତେ ବଞ୍ଚାଅ ।

ଏମାନେ ସବୁ ପୁଣି କିଏ ? କାହାର ଶବ ? ପ୍ରଶାସକ....ଶିକ୍ଷକ...

ଛାତ୍ର...ଜାତୀୟ ଚରିତ୍ର....ଏସବୁ, ଏସବୁ....

ହଁ, ହଁ, ଏସବୁ ହିଁ ମୋରି ଶବ । ମୁଁ ମରିନଥିଲି, ଏବେ ମଧ୍ୟ ମରିବାକୁ ଚାହୁଁନି । ସେମାନେ ମୋତେ ଅକାଳ-ମୃତ୍ୟୁ କବଳକୁ ଠେଲି ଦେଇଛନ୍ତି । ମୋତେ ଆନ୍ତର୍ଜାତିକ ମାୟାଜାଲରୁ ମୁକ୍ତ କରିଦିଅ, ମୁଁ ବଞ୍ଚିବି । ମୋତେ ଧର୍ମାନ୍ଧମାନଙ୍କ କବଳରୁ ମୁକ୍ତ କର, ମୁଁ ବଞ୍ଚିବି । ମୋତେ ଧନତନ୍ତ୍ର କବଳରୁ ମୁକ୍ତ କର, ମୁଁ ବଞ୍ଚିବି ।

ଯେଉଁମାନଙ୍କ ଶବ ଦେଖୁଛ, ସେ ସବୁ ହିଁ ମୁଁ । ମହାନଦୀର କଲ୍ଲୋଳ ପରି ଯୁଗଯୁଗ ଧରି ପରସ୍ପର ଅବିଚ୍ଛିନ୍ନ ମମତାରେ ବନ୍ଧା ଥାଇ, ପାରସ୍ପରିକ ସହଯୋଗରେ ମହୀୟାନ ହୋଇ ସେମାନେ ବଞ୍ଚି ଆସିଥିଲେ । ସେମାନଙ୍କୁ ଜାତିଆଣ ବିଦ୍ୱେଷରୁ ମୁକ୍ତ କର, ସେମାନେ ବଞ୍ଚିବେ । ସେମାନଙ୍କୁ ସ୍ୱାଭିମାନହୀନତାରୁ ମୁକ୍ତ କର, ସେମାନେ ବଞ୍ଚିବେ । ସେମାନଙ୍କୁ ସାମ୍ରାଜ୍ୟବାଦୀ ଚକ୍ରାନ୍ତରୁ ମୁକ୍ତ କର, ସେମାନେ ବଞ୍ଚିବେ । ସେମାନଙ୍କୁ ମୁକ୍ତ କର ରାଜନୈତିକ ଚାଣ୍ଡୁର ଓ ମୁଷ୍ଟିକମାନଙ୍କ କବଳରୁ ଯେଉଁମାନେ କଳାବେପାରୀ-କଂସମାନଙ୍କ ସହାୟକ ସାଜି ସେମାନଙ୍କୁ କିଂ-କର୍ତ୍ତବ୍ୟ-ବିମୂଢ଼ ଅବସ୍ଥାକୁ ଠେଲି ନେଇ ସେମାନଙ୍କ ବିକାଶର ପଥ ଅବରୁଦ୍ଧ କରିଛନ୍ତି, ସେମାନେ ପୁଣି ବଞ୍ଚି ଉଠିବେ ଜୀବନର ନବକଲ୍ଲୋଳର ତାଳେତାଳେ, ନିର୍ଭୁଲ ଦାୟିତ୍ୱ-ସଚେତନତା ଓ କର୍ତ୍ତବ୍ୟବୋଧର ଉନ୍ମାଦନାରେ । ଗଭୀର ଭାବୋଚ୍ଛ୍ୱାସ ଝରି ଆସୁଥିଲା ତାଙ୍କ ପ୍ରଭାବଶାଳୀ କଣ୍ଠରୁ ।

ସେ କହିଚାଲିଥିଲେ, 'ବିଳମ୍ବ କର ନାହିଁ । ବିଳମ୍ବ କର ନାହିଁ । ମୋତେ ମାରିବାକୁ ସେମାନଙ୍କୁ ତମେ ହିଁ ସାହାଯ୍ୟ କରିଛ । ସେମାନେ ମୋତେ ନିଶ୍ଚିହ୍ନ କରିବା ପୂର୍ବରୁ ତମେ ମୋତେ ଉଦ୍ଧାର କର, ମୋତେ ବଞ୍ଚାଅ ।

ଶୂନ୍ୟରୁ ବଜ୍ରପାତ ହୋଇଥିଲେ ମୁଁ ହୁଏତ ଏପରି ଚମକି ନଥାନ୍ତି । ହତ୍ୟାକାରୀଙ୍କୁ ମୁଁ ସାହାଯ୍ୟ କରିଛି ? ଅସମ୍ଭବ । ଏପରି ଅସମ୍ଭବ ଆଶଙ୍କା ତାଙ୍କ ମୁଣ୍ଡକୁ ଆସିଲା କେମିତି ? ଏପରି ଅସତ୍ୟ ଅଭିଯୋଗ ମୋ ବିରୁଦ୍ଧରେ ସେ ଆଣିବାକୁ ସାହସ କଲେ କେମିତି ? ମୁଁ ବିରକ୍ତ ହୋଇଉଠିଲି ଏବଂ ଏପରି ମିଥ୍ୟା ଦୋଷାରୋପ ହେତୁ କ୍ଷମା ଭିକ୍ଷା କରିବାକୁ ସେହି ପ୍ରଗଲ୍‌ଭା ମହିଳାଙ୍କୁ କଠିନ କଣ୍ଠରେ ନିର୍ଦ୍ଦେଶ ଦେଲି ।

ସେ କିନ୍ତୁ ହସିଲେ । ଦୁଃଖ, ଦୟା, ସହାନୁଭୂତି, ସଦ୍‌ଭାବନା- ସବୁ ଯେମିତି ମିଶି ରହିଥିଲା ସେହି ହସରେ !

ହସି ହସି କହିଲେ, 'ସମାଜର ଉନ୍ନତି ଅବନତି ପ୍ରତି ଉଦାସୀନ ରହି, ପ୍ରତିଦିନର ପରିବର୍ତ୍ତନ ପ୍ରତି ପରାଙ୍ମୁଖ ରହି, ରାଜନୈତିକ ଶଠତା ପ୍ରତି ଦୃଷ୍ଟି ନ ଦେଇ, ଭବିଷ୍ୟ ପିଢ଼ିର ସ୍ୱାର୍ଥ କଥା ବିଚାରକୁ ନ ନେଇ କେବଳ ନିଜର ଓ ନିଜ ପରିବାରର ତତ୍କାଳିକ ଲାଭ ଉପରେ ନିଘା ରଖିଥିବା ଦୂରଦୃଷ୍ଟିହୀନ ଧୋକ୍କାବାଜ୍‌ମାନଙ୍କୁ ନେତା ଭାବେ ସ୍ୱୀକାର ଓ ସହ୍ୟ କରି, ନିଜର ଖିଆଲରେ ପ୍ରମତ୍ତ ତମେ ଲେଖକ ଓ ବୁଦ୍ଧିଜୀବୀ, ଅତ୍ୟାଚାରୀର ଜୁଲୁମ ପ୍ରତି ଆଖି ବୁଜି ମୋର ବିପର୍ଯ୍ୟୟ ପ୍ରତି ନିରବ ସମର୍ଥନ ଜଣାଇ ଆସିଛି ବୋଲି ମୁଁ ଯଦି କହେ, କହିପାରିବ ଭୁଲ୍ କେଉଁଠି ?

ଆକାଶରୁ ଆକସ୍ମିକ ମୁଁ ଯେମିତି ପୃଥିବୀକୁ ଖସି ଆସିଲି !

ମାତ୍ର ଏସବୁ ତ....

କାହିଁ ସେହି ପର୍ଣ୍ଣକୁଟୀ ? କାହିଁ ସେହି ଶବାଧାର- ଯାହାକୁ ବିମାନ ପରି ସଜାଇ ପଚୁଆରରେ ନେଉଥିଲେ ପଞ୍ଚାଏ ଖଦଡ଼ୀ-ବେଖଦଡ଼ୀ ଉଚ୍ଚବାଚକାରୀ ? ସେହି ଅଲୁଳାୟିତକେଶା, ଶୀର୍ଣ୍ଣବେଶା, ସେହି ନିସ୍ତରଙ୍ଗ ଜୀବନର ବହ୍ନିଶିଖାଟି କାହିଁ ? କାହିଁ ସେହି ମହିଳା ଯାହାର ଭାଷାରେ ଥିଲା ଦୁଃଖ, ଭାବରେ ଥିଲା ଦୀପ୍ତି ? ଯାହାକୁ ଚାହିଁଲେ ଲାଗୁଥିଲା ଚାହିଁଲା ପରି ନିଜକୁ, ଚାହିଁଲା ପରି ନିଜର ନିଖିଳ ଉଚ୍ଚାରିତ ଅନୁଚ୍ଚାରିତ ପରିଚୟକୁ ! ସେ କାହିଁ ? କେଉଁଠି ?

ବିଜୁଳିବତୀର ଆଲୋକଜାଳରେ, ମନେହେଲା, ମୋର ଶୟନକକ୍ଷ କାନ୍ଥରେ ଝୁଲୁଥିବା ଭାରତ ମାନଚିତ୍ରଟିରେ ସେ ଯେମିତି ମିଶି ମିଶି ତହିଁ ସହ ହୋଇଯାଇଛନ୍ତି ଏକାକାର, ଏବଂ ସ୍ୱପ୍ନର ଅବସାନ ଘୋଷଣା କରି କରି, ନବ ପ୍ରଭାତର ଉଦୀୟମାନ ସୂର୍ଯ୍ୟ ମୋର ରୁଦ୍ଧଦ୍ୱାରରେ କରାଘାତ କରି କହୁଛି-ଜଡ଼ତା ସମ୍ବରଣ କରି, ହେ ବନ୍ଧୁ, ତମେ ତା'ର ନିର୍ଦ୍ଦେଶ ପାଳନ କର, ସେ ତମର ମାଆ, ତମର ମାତୃଭୂମି ।

**ହଁ, ହଁ , ସେ ସାମ୍ବାଦିକ । ସେ ମୁଁ । ଗଣତନ୍ତ୍ରର ରକ୍ଷା କବଚ ଥିଲା ପ୍ରେସ୍ ସ୍ୱାଧୀନତା ଏବଂ ଏହି ସ୍ୱାଧୀନତାର ଆଧାରଶିଳା ଭୂମିକାରେ ଥିଲେ ଗଣମାଧ୍ୟମର ସମ୍ପାଦକ । କୌଣସି ସାମ୍ବାଦିକ ଗଣମାଧ୍ୟମର ଧନପତି ମାଲିକଙ୍କ ପାଖରେ ଉତ୍ତରଦାୟୀ ନଥିଲେ, ଥିଲେ କେବଳ ସେଠାରେ ବୃତ୍ତିରତ ପେସାଦାର ସମ୍ପାଦକଙ୍କ ପାଖରେ । ସୁତରାଂ ପ୍ରେସ୍ ସ୍ୱାଧୀନତା ଅକ୍ଷୁର୍ଣ୍ଣ ଥିଲା । ଧନତନ୍ତ୍ର ହେତୁ ପରିସ୍ଥିତି ବଦଳି ଯାଇଛି । ନାନାବିଧ ଆର୍ଥିକ ଅପରାଧରେ ଲିପ୍ତ ବ୍ୟକ୍ତିମାନେ ନିଜ ନିଜର କଳାକର୍ମକୁ ଢାଙ୍କୁଣୀ ଦେବା ପାଇଁ ଏବଂ ଚତୁର୍ଥ ସ୍ତମ୍ଭର ଅମାପ ଶକ୍ତିକୁ ନିଜ ସପକ୍ଷରେ ଉପଯୋଗ କରିବା ପାଇଁ ଏବଂ ନିଜ କଳା-ସାମ୍ରାଜ୍ୟ ପାଇଁ ଲବି – ଶକ୍ତି ବଢ଼ାଇବା ପାଇଁ ନିଜ ନିଜକୁ ବା ନିଜର ପୋଷାମନା ବିଶ୍ୱସ୍ତ କୁତ୍ତାମାନଙ୍କୁ ନିଜ ନିୟନ୍ତ୍ରଣାଧୀନ ଗଣମାଧ୍ୟମର ସମ୍ପାଦକ ପଦରେ ଆସୀନ କରାଇଛନ୍ତି । ସୁତରାଂ ସାମ୍ବାଦିକ ଆଜି ସମ୍ପାଦକଙ୍କ ନିର୍ଦ୍ଦେଶ ଘେନିବା ଆଳରେ ମାଲିକଙ୍କ ନିର୍ଦ୍ଦେଶ ଘେନୁଛନ୍ତି ଓ ପ୍ରେସ୍ ସ୍ୱାଧୀନତା ଜନସ୍ୱାର୍ଥର ସୁରକ୍ଷା ପରିବର୍ତ୍ତେ ପ୍ରେସ୍ ମାଲିକଙ୍କ ଆର୍ଥିକ ସ୍ୱାର୍ଥର ସୁରକ୍ଷାକବଚ ପାଲଟି ଯାଇଛି । ଲୋକସ୍ୱାର୍ଥର ଅତନ୍ଦ୍ର ପ୍ରହରୀ ସାମ୍ବାଦିକ ଏପରି ଭାବେ ଧନତନ୍ତ୍ରର କବ୍‌ଜାରେ ପଡ଼ି ଲୋକଶତ୍ରୁଙ୍କ ସେବାରେ ନିୟୋଜିତ ହୋଇଥିବା ହେତୁ ଆଜି ମୃତବତ୍ ନିଷ୍ପନ୍ଦ । ତମେ ତାକୁ ମୁକ୍ତ କର, ମୁକ୍ତ କର, କହିଲେ ସେହି ମହିଳା ।**